# ଜନ ବିରୋଧି ଜମି ଅଧିଗ୍ରହଣ ନୂତନ ଆଇନ ବିରୁଦ୍ଧରେ
# ସି.ପି.ଆଇ.(ଏମ୍)ର ରାଜ୍ୟ ବ୍ୟାପି ଆନ୍ଦୋଳନ ଡାକରା

କେନ୍ଦ୍ର ସରକାରଙ୍କ ନୂତନ ଜମି ଅଧିଗ୍ରହଣ ଆଇନ ବିରୁଦ୍ଧରେ ଓଡିଶା ରାଜ୍ୟ ବ୍ୟାପି ଆନ୍ଦୋଳନ ପାଇଁ ସି.ପି.ଆଇ.(ଏମ୍) ପକ୍ଷରୁ ଡାକରା ଦିଆଯାଇଛି ।

ନୂତନ ଜମି ଅଧିଗ୍ରହଣ ଆଇନକୁ ପ୍ରତ୍ୟାହାର କରିବା ଦାବୀ କରି ଆଜି ଏଠାରେ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ଦ ୨୦୦୦ ଉର୍ଦ୍ଧ୍ୱ ସି.ପି.ଆଇ.(ଏମ୍) କର୍ମୀ ଲୋୟର ପି.ଏମ୍.ଜି.ଠାରେ ଅହୋରାତ୍ର ଧାରଣାରେ ବସିଛନ୍ତି । ଏହି ଧାରଣା ଆସନ୍ତା କାଲି ପର୍ଯ୍ୟନ୍ତ ଚାଲିବ ।

ଧାରଣାକୁ ସି.ପି.ଆଇ.(ଏମ୍) କେନ୍ଦ୍ର କମିଟି ସଭ୍ୟ ଜନାର୍ଦ୍ଦନ ପତି ଉଦ୍‌ଘାଟନ କରି, କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର, ନୂତନ ଜମି ଅଧିଗ୍ରହଣ ଜରିଆରେ କମ୍ପାନୀ ଓ ଘରୋଇ ମାଲିକମାନଙ୍କୁ ହଜାର ହଜାର ଏକର ଜମି ଟେକିଦେବା ପାଇଁ ବସିଛନ୍ତି ବୋଲି ଅଭିଯୋଗ କରିଥିଲେ । ଏଣିକି ସରକାର ଜୋର ଜବରଦସ୍ତ ଚାଷୀମାନଙ୍କୁ ଜମିରୁ ବେଦଖଲ କରି ଯେ କୌଣସି ସଂସ୍ଥା ଏପରିକି ବ୍ୟକ୍ତି ବିଶେଷ ମାନଙ୍କୁ ମଧ୍ୟ ଅନାୟସରେ ଜମି ହସ୍ତାନ୍ତର କରିପାରିବେ ବୋଲି ଅଭିଯୋଗ କରିଥିଲେ । ରାଜ୍ୟର ବିଜେଡି ଦଳ ଲୋକସଭା ଆଲୋଚନା ବେଳେ ବିରୋଧ କରିଥିବା ବେଳେ ଭୋଟ ଦାନରୁ ବିରତ ରହିବା ବିଜେଡିର ଦୋମୁହାଁ ନିତୀ ଭାବେ ବର୍ଣ୍ଣନା କରି, ବିଜେଡି ଓ ବିଜେପି ମଧ୍ୟରେ ଗୁପ୍ତ ବୁଝାମଣା ହୋଇଥିବା ଅଭିଯୋଗ କରିଥିଲେ ।

ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟିର ସଂପାଦକ ଅଳିକିଶୋର ପଟ୍ଟନାୟକ ଧାରଣା ସ୍ଥଳରେ ଉଦ୍‌ବୋଧନ ଦେଇ ମୋଦି ସରକାରଙ୍କ ଏହି ଜମି ଅଧିଗ୍ରହଣ ଆଇନ, ଓଡିଶାରେ ପ୍ରଭୁତ କ୍ଷତି ପହ□ାଇବ ବୋଲି କହିଥିଲେ । ଏହାଯୋଗୁଁ ସବୁଠାରୁ ବେଶି ଆଦିବାସୀ ଲୋକେ ବିଶେଷ କ୍ଷତିଗ୍ରସ୍ତ ହେବେ । ଅଧିଗ୍ରହଣ ନିମନ୍ତେ ପୂର୍ବ ସମ୍ମତି ବ୍ୟବସ୍ଥା ପ୍ରତ୍ୟାହାର ଫଳରେ ଜମି ହରାଉଥିବା ଲୋକଙ୍କ ଆଉ କୌଣସି ଅଧିକାର ରହିବ ନାହିଁ । ଏପଟେ ଜମି ଅଧିଗ୍ରହଣ ଜନିତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବ୍ୟବସ୍ଥା କୋହଳ ହେବା ଯୋଗୁଁ ଏକ ସାମାଜିକ ଓ ଆର୍ଥିକ ଅସନ୍ତୁଳନ ଅବସ୍ଥା ସୃଷ୍ଟି ହେବ । ରାଜ୍ୟ ସ୍ତରୀୟ ଏହି ଧାରଣା ପରେ ରାଜ୍ୟ ବ୍ୟାପି ବ୍ଲକ ଓ ତହସିଲ ସ୍ତରରେ ମଧ୍ୟ ଆନ୍ଦୋଳନକୁ ବ୍ୟାପକ କରିବାକୁ ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ ।

ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆଦିବାସୀ, ମହିଳାମାନେ ଏହି ଧାରଣାରେ ବହୁଳ ଭାବେ ଯୋଗ ଦେଇଛନ୍ତି ।

ସି.ପି.ଆଇ.(ଏମ୍) ରାଜ୍ୟ ସଂପାଦକମଣ୍ଡଳୀ ସଭ୍ୟ ଜଗନ୍ନାଥ ମିଶ୍ର, ସନ୍ତୋଷ ଦାସ, ଦୁଷ୍ମନ୍ତ ଦାସ, ବିଷ୍ଣୁ ମହାନ୍ତି, ଶିଶିର ହୁଇ, ନିର୍ମଳ ନାୟକ, ପୁଷ୍ପା ଦାସଙ୍କ ସମେତ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଆଦିବାସୀ ନେତା ସାଲ ମାର୍ଣ୍ଡି, ଦଣ୍ଡପାଣି ରଇତ, ବ୍ରଜ ମାଝି ପ୍ରମୁଖ ଭାଷଣ ଦେଇଥିଲେ ।

ସି.ପି.ଆଇ.(ଏମ୍) ଭୁବନେଶ୍ୱର ଜିଲ୍ଲା କମିଟି ସଂପାଦକ ସୁରେଶ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଆଜି ରାତି ତମାମ ଏହି ଧାରଣା ଚାଲୁ ରହି ଆସନ୍ତା କାଲି ଉଦ୍‌ଯାପିତ ହେବା କାର୍ଯ୍ୟକ୍ରମ ରହିଛି ।

**(ଅଳି କିଶୋର ପଟ୍ଟନାୟକ)**
**ସଂପାଦକ**
**ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି**